ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ବିନାଶ

ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା କାମନା ବିଷୟରେ ଉପଦେଶ ହେଉ କିମ୍ବା ଗୌତମ ବୁଦ୍ଧଙ୍କ କାମନାର ବିନାଶରେ ଦୁଃଖର ବିନାଶ କଥା ହେଉ । କାମନାକୁ ବିନାଶ କରି ସୁଖରେ ରହିବା କଥା କେତେ ଲୋକ ଗ୍ରହଣ କରନ୍ତି ? ବିନା କାମନା ବାସନାରେ ସଂସାରରେ ବଂଚିବା କଷ୍ଟକର । ଅଶିକ୍ଷିତ, ଅଜ୍ଞାନୀ, ଈର୍ଷାଳୁ, ଲୋଭୀ, ପରଶ୍ରୀକାତର, ନିନ୍ଦୁକ ଓ ଖଳ ପ୍ରକୃତି ବ୍ୟକ୍ତି ଉପଦେଶପୂର୍ଣ୍ଣ କଥା ଶ୍ରବଣ କଲେ ରାଗିଯାଏ । ତତ୍ତ୍ୱକଥା ଶ୍ରବଣ ମାତ୍ରକେ ରକ୍ତଚାପ ବଢ଼ିଯାଏ । ସତ୍ ପୁରୁଷଙ୍କୁ ଦେଖିବାମାତ୍ରେ ଈର୍ଷା ପରାୟଣ ହୋଇଉଠେ । ଦେହରେ କମ୍ପନ ସୃଷ୍ଟି ହୁଏ । ମୂର୍ଖ ମଧ୍ୟ ଷଡଦର୍ଶୀମାନଙ୍କ ସହ ଯୁକ୍ତି କରିବାପାଇଁ ଆଗେଇ ଆସେ । ଲାଳସା ଓ କାମନାର ବଶବର୍ତ୍ତୀ ହୋଇ ଘୋର ଦୁଃଖ ସହନ କରେ । ଜ୍ଞାନୀ ସଜ୍ଜନମାନେ ବହୁ ବିଦ୍ୟାର ଅଧିକାରୀ ହୋଇଥିଲେ ମଧ୍ୟ ଗର୍ବ କରନ୍ତି ନାହିଁ । କିନ୍ତୁ ଅଜ୍ଞାନୀ ସାଧାରଣତ କିଛି ବିଦ୍ୟା ପାଇଗଲେ ଫରଫର ହୁଏ । ଆଜିକାଲି ଧର୍ମ, ଭକ୍ତ, ସେବା ଏବଂ ପୂଜାଦି ପାଇଁ ମଧ୍ୟ ଲାଗିଛି କିଣାବିକା । ଏ ଠାକୁର ଭଲ ନୁହେଁ, ସେ ଠାକୁର ଭଲ । ଏ ଗୁରୁ ଭଲ ନୁହେଁ ସେ ଗୁରୁ ଭଲ । କିଏ ବ୍ରହ୍ମଲୋକରୁ ଆସିଯାଇଛନ୍ତି ତ କିଏ ସ୍ୱୟଂ ବିଷ୍ଣୁ ଅବତାର ହୋଇପଡିଛନ୍ତି । ସମସ୍ତେ ତ ମୁଖରେ ରାମ ନାମ ଉଚ୍ଚାରଣ କରନ୍ତି, ମାତ୍ର ଦଶ ଇନ୍ଦ୍ରିୟକୁ ଦମନ କରି ଯଦି ଥରେ ରାମ ନାମ ଉଚ୍ଚାରଣ କରାଯାଇଥାନ୍ତା, ତେବେ କୋଟି ଯଜ୍ଞର ଫଳ ମିଳିପାରନ୍ତା । କାମନା ଶାଶ୍ୱତ ଓ ପବିତ୍ର ହେବା କଥା । କାମନା ଭିତରେ ପ୍ରାପ୍ତିକୁ ଗୌଣ ସ୍ଥାନରେ ରଖିବା । ଜୀବନରେ କାମନା ରହିବ । କିନ୍ତୁ କାମନାକୁ କରାୟତ୍ତ କରି ଜୀବନ ଗତିପଥ ଆଗେଇବା ।ଜୀବନରେ ଅନେକ କାମନା ବାସନା । ସତେମେନେହୁଏ କାମନାର ଜୀବନ । ଯାହା ସବୁ କାମନା କରାଯାଏ ନପାଇଲେ ଆମେ ଭାଙ୍ଗିପଡିଥାଉ । ଦୁଃଖ ଶୋକରେ ବୁଡି ଯାଉ । ଜୀବନକୁ ତୁଚ୍ଛ ମଣିଥାଉ । ଅନ୍ୟ ମାନଙ୍କର ଉନ୍ନତିକୁ ଦେଖି ସେହିପରି ହେବା ପାଇଁ ବ୍ୟଗ୍ର ହେଉ ଉଠୁ । କିନ୍ତୁ ସେମାନେ କେମିତି ଉନ୍ନତି କରିଛନ୍ତି । କେତେ ପରିଶ୍ରମ କରିଛନ୍ତି । କେତେ ତ୍ୟାଗ କରିଛନ୍ତି । କେତେ କଷ୍ଟ ସ୍ୱୀକାର କରିଛନ୍ତି । ସେହିବିଷୟରେ ଜାଣିବା ପାଇଁ ଆଦୌ ଆଗ୍ରହ ପ୍ରକାଶ ନକରି ଆଗକୁ ବଢିବା ପାଇଁ ଚେଷ୍ଟା କରିଥାଉ । କାମନା ପଛରେ ମଣିଷର ଜୀବନ । କାମନା ଅଛିତ ମଣିଷ ଅଛି । ବୟସ ବଢିବା ସହ କାମନା ଗତି ମଧ୍ୟ ବଢିଥାଏ । କାମନା ପ୍ରାପ୍ତିରେ ମଣିଷ ଘାଟି ଚକଟି ହେଇଯାଇ ବାସ୍ତବତାକୁ ଭୁଲିଯାଏ । ମଣିଷ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କିପରି ହେବା କଥା ଆମ ନୀତିଶାସ୍ତ୍ର, ମହାପୁରୁଷ ତଥା ଆମ ପୂର୍ବସୂରୀ ମାନେ ନିର୍ଦ୍ଧାରଣ କରିଛନ୍ତି । ଆମକୁ ସେହି ପଥରେ ଚାଲିବାକୁ ପଡିବ । କିନ୍ତୁ ଆଜିକାଲି କାମନା ସ୍ୱାର୍ଥରେ ବନ୍ଧା ପଡିଛି । ପରୋପକାର, ସେବା, ତ୍ୟାଗ ପରି ମହନୀୟ ବିଷୟବସ୍ତୁକୁ ନିଜର କରିବା ପାଇଁ କାମନା ଭିତରେ ନାହିଁ । କିଛି କରିବା ଓ କହିବା ପୂର୍ବରୁ ନିଜର କାମନା ପୂରଣ କେମିତି ହେବ ତାକୁ ଧ୍ୟାନ ଦେଇ ଉପସ୍ଥାପନ କରିଥାଏ । ସେଥିପାଇଁ ଆଜିର ବିଜ୍ଞାପନ ଯୁଗକୁ ନିଆଯାଇପାରେ । ଆଜିର ସମୟରେ ନିଜକୁ ହିଁ ବିଜ୍ଞାପିତ ହେବାକୁ ପଡୁଛି । ଯିଏ ଯେତେ ବିଜ୍ଞାପନର କୌଶଳ ଅବଲମ୍ବନ କରୁଛି ସେ ସେତେ ନାମୀ ଦାମୀ । ଗାରିମା ହାସିଲରେ । କିନ୍ତୁ ଗୁଣୀମାନେ ହିଁ ଏହିପରି ଗୁଣକୁ ପରଖି ଥାନ୍ତି । ଏମାନଙ୍କ ସଂଖ୍ୟା ସ୍ୱଳ୍ପ । ଗୁଣଗ୍ରାହୀ ଅଳ୍ପ ସଂଖ୍ୟାରେ ଥିବା ଯୋଗୁଁ ପ୍ରକୃତ କର୍ମଯୋଗୀଙ୍କ ପରିଚୟ ଲୁଚି ଯାଉଛି । ସେମାନଙ୍କ କାମନା ଅନ୍ୟମାନଙ୍କ ଆଦର୍ଶ ହେଇପାରୁ ନାହିଁ । ତେଣୁ ମଣିଷ ଜୀବନରେ ଅନେକ କାମନା । କାମନା ପ୍ରାପ୍ତି ପଛରେ ଗୋଡେଇ ଗୋଡେଇ ଅନେକ ଦୁଃଖକୁ ଭୋଗୁଛି । ଯଥାର୍ଥ ଜୀବନ ବଂଚିବାରେ ଅସମର୍ଥ ହେଉଛି । କାମନା ରହିତ ଜୀବନ ବଂଚିବାରେ ଯେତେ କଷ୍ଟ କାମନାକୁ ପ୍ରାପ୍ତି କରିବାରେ କମ କଷ୍ଟ ନୁହେଁ । ଏଣୁ ଆମର ମାର୍ଗ ଦର୍ଶନ କରିଥିବା ଦ୍ରଷ୍ଟା ମାନଙ୍କର କଥନକୁ ଜୀବନରେ ଅବଲମ୍ବନ କରିବା । କାମନାକୁ କମେଇ ଦେବା । ଭଲରେ ରହିବା । କାମନାର ଗତିପଥରେ ସକାରାତ୍ମକ ଚିନ୍ତନକୁ ସ୍ଥାନିତ କରିବା । କାମନା ପଛରେ ପଡି ଜୀବନକୁ ପାଷାଣ ନକରି କାମନାର ଜୀବନକୁ ସରଳ ଓ ସହଜ କରିବା । ଏହିପରି କାମନାକୁ କୌଶଳ ସହ କରାୟତ୍ତ କରି ପାରିଲେ ମଣିଷ ଦୁଷ୍ଟାରୁ ଦିବ୍ୟତା ପ୍ରାପ୍ତି ହୋଇଥାଏ ।

# ପ୍ରଦୂଷଣର ଭୟାବହତା ଓ ଜୀବନ

### ।। ନାରାୟଣ ଚନ୍ଦ୍ର ବିଶ୍ୱାଳ ।।

ଦୀପାବଳି ଅବସରରେ ଦିଲ୍ଲୀ ଏନସିଆରରେ ସୀମିତ ସମୟ ସୀମା ମଧ୍ୟରେ ସବୁଜ ବାଣ ଫୁଟାଇବା ପାଇଁ ମାନ୍ୟବର ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି । ମାନ୍ୟବର ସୁପ୍ରିମକୋର୍ଟ ଏହା ସହ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡ଼ ଏ ନେଇ ଯାଂଚ କରିବା ଉପରେ ନିର୍ଦ୍ଦେଶ ଦେବା ସହ ଅକ୍ଟୋବର ୧୪ରୁ ୨୫ ପର୍ଯ୍ୟନ୍ତ ବାୟୁଗୁଣବତା ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ନିର୍ଦ୍ଦେଶ ଦେଇଛନ୍ତି । ଗତବର୍ଷ କେବଳ ଦୀପାବଳି ନୁହେଁ ବର୍ଷ ତମାମ ଅନ୍ୟ ସମୟରେ ବାଣ ଫୁଟା ଓ ବାଣର ବ୍ୟବହାର ଉପରେ ମାନ୍ୟବର ସୁପ୍ରିମକୋର୍ଟ କଟକଣାକୁ କଠୋର କରିଥିଲେ । ଖଣ୍ଡପୀଠ କହିଥିଲେ ୨୦୨୧ରେ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ବିକ୍ରି ଓ ଫୁଟାଇବାକୁ ନିଷିଦ୍ଧ କରିବା ପାଇଁ ଯେଉଁ ନିର୍ଦ୍ଦେଶ ରହିଥିଲା ତାହା ଭାରତର ସବୁ ରାଜ୍ୟପାଇଁ ସମାନ ଆଇନ ଭାବେ ନିଷିଦ୍ଧ ରହିବ । ତେବେ ବର୍ତ୍ତମାନ ସମୟରେ କେବଳ ସବୁଜ ବାଣ ବିକ୍ରିକୁ ଅନୁମତି ମିଳିବ ବୋଲି ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ପରିବେଶବିତଙ୍କ ଭିତରେ ସ୍ୱଭାବିକ ଭାବେ ଆନନ୍ଦ ପ୍ରକାଶ ପାଇଛି । ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳରେ କିଛିଦିନ ତଳେ ସଂପ୍ରତି ପ୍ରଦୂଷଣର ମାତ୍ରା ସାଙ୍ଘାତିକ ଚିନ୍ତାଜନକ ସ୍ଥିତିରେ ପହଂଚିବା ପରେ ଏହାର ପ୍ରତିକାର ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଯାଇଥିଲା । ଏବେ ଶୀତକାଳୀନ କୁହୁଡ଼ି ସହ ପ୍ରଦୂଷଣ ଏକ ପ୍ରକାର ସାଙ୍ଘାତିକ ପରିବେଶ ସୃଷ୍ଟି କରିଛି । ଦିଲ୍ଲୀ, ପଞ୍ଜାବ, ହରିଆନା ତିନୋଟି ରାଜ୍ୟ ଏହି ପ୍ରଦୂଷଣରେ ସାଂଘାତିକ ଭାବେ ଶିକାର ହେଉଛନ୍ତି । ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଂଚଳରେ ପ୍ରଦୂଷଣର ସ୍ଥିତି ଉଦ୍‌ବେଗଜନକ ଭାବେ ରହିଥିବାରୁ ଜାତୀୟ ମାନବାଧିକାର କମିଶନ ନିଜଆଡୁ ଏ କ୍ଷେତ୍ରରେ ହସ୍ତକ୍ଷେପ କରିଛନ୍ତି । ଉପରୋକ୍ତ ରାଜ୍ୟ ସରକାରମାନେ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନଥିବାରୁ ଓ ଏହା ଲୋକଙ୍କ ଜୀବନ ଧାରଣାର ଅଧିକାରକୁ ଉଲ୍ଲଂଘନ କରୁଥିବାରୁ କମିଶନ ନିଜ ଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବ୍ୟବସ୍ଥା, ସଂସ୍ଥାମାନେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ତତ୍ପରତାର ସହ କାର୍ଯ୍ୟକରି ଲୋକଙ୍କୁ ବଡ଼ଧରଣର ସ୍ୱାସ୍ଥ୍ୟ ସଙ୍କଟରୁ ରକ୍ଷା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଓ ତତ୍କାଳ ପଦକ୍ଷେପ ନିଅନ୍ତୁ । କେବଳ ଏହି ବର୍ଷ ନୁହେଁ ପ୍ରତିବର୍ଷ ଘନ କୁହୁଡି ଓ ବିଷାକ୍ତ ବାୟୁ ଲୋକମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦର କାରଣ ପାଲଟିଛି । ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ତତ୍କାଳ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକ ମାନଙ୍କୁ ସ୍ୱଚ୍ଛ ବାତାବରଣର ହକ ଦେବାର ଦାୟିତ୍ୱ ସମ୍ପର୍କରେ ଟ୍ରିବ୍ୟୁନାଲ ସରକାରଙ୍କୁ ସୂଚୀତ କରିଛନ୍ତି । ସରକାର ଲୋକଙ୍କ ଠାରୁ ବଂଚିବାର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି କହିଛନ୍ତି । କେନ୍ଦ୍ରୀୟ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ଼ର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି । ଯେଉଁ ପିଏମ୍ସ୍ତର କେବଳ ୧୦୦ ହେବା ଆବଶ୍ୟକ ହୋଇଥିବାବେଳେ ତାହା ଗତ ସପ୍ତାହରେ ୯୮୬ ଥିଲା । ସେହିପରି ପିଏମ୍ ୨.୫ର ସ୍ତର ୬୦ ବଦଳରେ ୪୨୦ ହୋଇଯାଇଛି ବୋଲି ଟ୍ରିବ୍ୟୁନାଲ ଦର୍ଶାଇଥିଲେ । ସେହିପରି ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି । ଗତ ସପ୍ତାହରେ ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ଼ କରାଯାଇଥିଲା । ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ନିକଟରେ ପ୍ରକାଶ ପାଇଛି ସ୍ୱାସ୍ଥ୍ୟଭିତିକ ପତ୍ରିକା ଲାନ୍‌ସେଟ କମିଶନ ଅଫ୍ ହେଲଥ ଆଣ୍ଡ ପଲ୍ୟୁସନ୍ ରିପୋର୍ଟ । ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି । ୨୦୨୨ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୧୦.୬ ମିଲିଅନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତର ଏହି ସଂଖ୍ୟାରେ ଅଂଶ ହେଉଛି ୪.୮୧ ମିଲିଅନ୍ । ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶୀ ମାରାତ୍ମକ । ଏଥିରେ ସେହି ବର୍ଷ ସମଗ୍ର ବିଶ୍ୱର ମୃତ୍ୟୁ ସଂଖ୍ୟା ଥିଲା ୭.୫ ମିଲିଅନ୍ ଏବଂ ଏଥିରେ ଭାରତର ଅଂଶ ଥିଲା ପ୍ରାୟ ୩୨ ପ୍ରତିଶତ ଅର୍ଥାତ୍ ୨.୪ ମିଲିଅନ୍ ।

ବାଣ ପ୍ରସ୍ତୁତିରେ କେତେ ବିଷାକ୍ତ ଓ ଭୟାନକ ଜୈବ ପଦାର୍ଥ ତଥା କ୍ଷତିକାରକ ପ୍ରସ୍ତୁତି ପଦାର୍ଥ ରହିଛି ତାହା ଯେ କେହି ଜାଣିଲେ ଆଶ୍ଚର୍ଯ୍ୟ ଚକିତ ହେବ । ବାଣ ତିଆରିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ ବ୍ୟବହାର ହେଉଛି । ବାଣ ଫୋଟାରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ ଯାହାକି କାର୍ବନ ଡାଇଅକ୍ସାଇଡ଼, ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼, ହାଇଡ୍ରୋ କାର୍ବନ, ଟାରକୋଲ ବାଷ୍ପ । ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ । ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ । ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ । ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ । ଅଚାନକ ରକ୍ତଚାପ ବଢ଼ିଯାଏ । ରକ୍ତଚାପର ଏହି ଆକସ୍ମିକ ବଢ଼ିଯିବା ମାତ୍ରା ଜଣକୁ ଅସ୍ୱାଭାବିକ ଓ ଏକ ପ୍ରକାର ବିଚଳିତ କରିପକାଏ । କେତେକ କ୍ଷେତ୍ରରେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ । କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ । ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ । ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ । ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ । ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ । ଅଚାନକ କାଶ ବଢ଼ିପାରେ । ଛାତିରେ ଯନ୍ତ୍ରଣା ହୁଏ । ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ । କୌଣସି ଗୋଟିଏ ସ୍ଥାନରେ ବାୟୁ ସୁସ୍ଥକର ନୁହେଁ । ସବୁଠି ବାୟୁ ପ୍ରଦୂଷଣ ସ୍ତର ମଧ୍ୟମ ଧରଣର ଥିବା କୁହାଯାଉଛି । ହାର୍ଟ ଓ ଲଙ୍ଗସ ରୋଗୀ, ପିଲା ଓ ବୟସ୍କଙ୍କ ପାଇଁ ଏଭଳି ପରିବେଶ ଭଲ ନୁହେଁ । ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଦ୍ୱାରା ଓଡ଼ିଶାର ସାତଟି ପ୍ରଦୂଷଣଯୁକ୍ତ ସହର ଭିତରୁ ଭୁବନେଶ୍ୱରକୁ ଚିହ୍ନଟ କରିଛନ୍ତି । କେବଳ ଦ୍ୱୈତନଗରୀ କଟକ-ଭୁବନେଶ୍ୱର ନୁହେଁ ରାଜ୍ୟର ପ୍ରମୁଖ ବଡ଼ ବଡ଼ ସହର ଓ ଶିଳ୍ପାଂଚଳ କ୍ଷେତ୍ରରେ ଗାଡ଼ିମୋଟର ଧୂଆଁ, ରାସ୍ତା ଖୋଳାତାଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି । ସେହିପରି ଟ୍ରାଫିକ ସମସ୍ୟା ଦେଖାଦେଉଥିବା ଗହଳିପୂର୍ଣ୍ଣ ଅଂଚଳରେ ବାୟୁ ପ୍ରଦୂଷଣ ବଢୁଥିବା ସହ କେତେକ ସ୍ଥାନରେ ଘର ପ୍ରସ୍ତୁତି ପାଇଁ ବାଲି ଓ ଘରୋଇ ସାମଗ୍ରୀ ଜମା ହେବା ସହ କେତେକ ସ୍ଥାନରେ ରାସ୍ତାକାମ ଚାଲୁ ରହୁଥିବାରୁ ପରବର୍ତ୍ତୀ ସମୟରେ ଏହା ଉପରେ ପାଣି ସିଂଚନ କରାଯାଇ ରାସ୍ତା ଧୂଳିକୁ ନିୟନ୍ତ୍ରିତ କରାଯାଉନାହିଁ । ଦୀପାବଳିରେ ମନଇଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ିବ । ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିବ । ଆଜମା ରୋଗୀଙ୍କ ସମସ୍ୟା ବଢ଼ିବ । ବାରୁଦ ଗନ୍ଧ ଓ ଧୂଆଁ ଯୋଗୁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ । ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ । ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ । ସମସ୍ତେ ସବୁଜ ଦୀପାବଳି ପାଳିବାକୁ ହେବ । ଦୀପାବଳିର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ବ୍ରେନ ଷ୍ଟ୍ରୋକର କାରଣ ହୋଇପାରେ । ବିଷାକ୍ତ ଗ୍ୟାସ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ । ଗର୍ଭ ନଷ୍ଟ ହୋଇପାରେ । ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ । ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା ।

ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ ପ୍ରଦୂଷଣ କେବଳ ଯେ ପରିବେଶଜନିତ ପ୍ରସଙ୍ଗ ତାହା ନୁହେଁ । ଏହା ମନୁଷ୍ୟର ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ପ୍ରଣାଳୀ ଉପରେ ପ୍ରଭାବ ପକାଇଥାଏ । ଏହା ମଧ୍ୟରେ ଦେଶର ଅର୍ଥନୀତି ଏବଂ ସାମାଜିକ କ୍ଷେତ୍ର ମଧ୍ୟ ଅନ୍ତର୍ଭୁକ୍ତ । ପ୍ରଦୂଷଣ କାରଣରୁ ଭାରତ ଭଳି ନିମ୍ନ ମଧ୍ୟମ ଆୟକାରୀ ବର୍ଗର ରାଷ୍ଟ୍ରଗୁଡ଼ିକରେ ଉତ୍ପାଦନଗତ କ୍ଷତି ଦେଶର ଜିଡ଼ିପିର ୦.୩୨ ପ୍ରତିଶତରୁ ୦୪ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ । ରିପୋର୍ଟ ଅନୁସାରେ ଅଧିକାଂଶ ପ୍ରଦୂଷଣଜନିତ ମୃତ୍ୟୁ, ଅର୍ଥାତ୍ ୯୨ ପ୍ରତିଶତ ମୃତ୍ୟୁ, ଏହି ବର୍ଗର ଦେଶମାନଙ୍କରେ ହୋଇଥାଏ । ସ୍ୱାସ୍ଥ୍ୟଜନିତ ଜଟିଳ ସମସ୍ୟାମାନ ସୃଷ୍ଟି କରୁଥିବା ଯୋଗୁଁ ଏହା ମଧ୍ୟ ଲୋକମାନଙ୍କର ବ୍ୟୟଭାରକୁ ଯଥେଷ୍ଟ ବଢ଼ାଇ ଦେଇଥାଏ ଯାହା ପରୋକ୍ଷରେ ସେମାନଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲି ଦେଇଥାଏ । ଏହା ଯଦି ହୃଦୟ ବା ହାର୍ଟ, ଫୁସଫୁସ୍ ଏବଂ ମସ୍ତିଷ୍କ ଭଳି ଶରୀରର ଅଙ୍ଗଗୁଡ଼ିକୁ ପ୍ରଭାବିତ କରେ, ତାହାଲେ ଛୋଟ ପିଲା ହୋଇଥିଲେ ସେମାନଙ୍କର ଅବବୋଧସଙ୍ଗ୍ଞାନାତ୍ମକ ସାମର୍ଥ୍ୟ ଏବଂ ବୟସ୍କ ହୋଇଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇବାର ସମ୍ଭାବନା ବଢ଼ି ଯାଇଥାଏ । ମୋଟାମୋଟି ରିପୋର୍ଟରେ ପ୍ରାଣୀ ସମାଜ ଉପରେ ଅନିୟନ୍ତ୍ରିତ ପ୍ରଦୂଷଣର ଭୟବହ ପରିଣତିକୁ ଦର୍ଶାଯାଇଛି । ତେଣୁ ଅର୍ଥନୀତିକ ଅଭିବୃଦ୍ଧି ନାଁରେ ମାନବ ସମାଜର ସ୍ୱାସ୍ଥ୍ୟ ଓ ମଙ୍ଗଳ ଉପରେ ଅତ୍ୟନ୍ତ ହାନିକାରକ ପ୍ରଭାବ ପକାଉଥିବା ପ୍ରଦୂଷଣକୁ ଅଣଦେଖା କରିବା ଉଚିତ ନୁହେଁ । ପ୍ରଦୂଷଣ ପ୍ରତିରୋଧ କରିବା କିପରି ବର୍ତ୍ତମାନ ସମୟରେ କେବଳ ଅତ୍ୟାବଶ୍ୟକ ନୁହେଁ, ଅପରିହାର୍ଯ୍ୟ ଏବଂ ଜାତୀୟ କାର୍ଯ୍ୟକ୍ରମରେ ଏହା କିପରି ପ୍ରାଥମିକତା ପାଇବା ଉଚିତ ତାର ସଙ୍କେତ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏହି ରିପୋର୍ଟରୁ ମିଳେ । ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଅଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ । ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ । ଏହା ସହିତ ପ୍ରତ୍ୟେକ ସ୍ତରରେ ସରକାରମାନେ ଏଥିପାଇଁ ହାସଲ କରିହେବା ଭଳି ଲକ୍ଷ୍ୟ ଧାର୍ଯ୍ୟ କରି ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଓ ଉତରଦାୟିତ୍ୱ ନେବାର ଆବଶ୍ୟକତା ରହିଛି । ପ୍ରଦୂଷଣ ପ୍ରତିରୋଧ ନିମନ୍ତେ ରହିଥିବା ଆଇନକାନୁନଗୁଡ଼ିକର ଘରୋଇ ଉଦ୍ୟୋଗ କ୍ଷେତ୍ର ତଥା ସହରାଂଚଳଗୁଡ଼ିକରେ କଡ଼ାକଡ଼ି କାର୍ଯ୍ୟାନ୍ୱୟନ ଏ ଦିଗରେ ବିଶେଷ ସହାୟକ ହୋଇପାରିବ । ବିଶ୍ୱ ପାଇଁ ସଂପ୍ରତି ଦୁଇଟି ପ୍ରମୁଖ ବିପଦ ଦେଖାଦେଇଛି । ତାହାହେଲା ସନ୍ତ୍ରାସବାଦ ଓ ବିଶ୍ୱତାପାୟନ ସହ ପରିବେଶ ପ୍ରଦୂଷଣ । ଆମକୁ ଯଦି ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶୁଦ୍ଧ ବାତାବରଣବିଶିଷ୍ଟ ଭବିଷ୍ୟତ ସୃଷ୍ଟି କରିବାରେ ଅଛି ତାହେଲେ ଏହି ଉଭୟ ସମସ୍ୟାକୁ ପ୍ରାଥମିକତା ଦେଇ ଏହାକୁ ସମୂଳେ ବିଲୋପ କରିବାର ଆବଶ୍ୟକତା ରହିଛି । ସମାଜର ସବୁ ଲୋକ ଯଦି ଏକାଠି ହୋଇ କାର୍ଯ୍ୟ କରନ୍ତି ତାହାଲେ ପ୍ରଦୂଷଣର ମାତ୍ରା ହ୍ରାସ ହେବା ସହିତ ମାନବ ସମାଜର ମଙ୍ଗଳ ହୋଇପାରିବ ଏବଂ ଅର୍ଥନୀତିକ ଅଭିବୃଦ୍ଧି ହାସଲ ହେବା ଅସମ୍ଭବ ହେବନାହିଁ । ସମ୍ପ୍ରତି ପୃଥିବୀ ଏକ 'ନୂଆ ବାସ୍ତବିକତା' ସହ ଯୁଝୁଛି । ଏହି ବାସ୍ତବିକତା ଅତ୍ୟନ୍ତ ଭୟଙ୍କର ରୂପ ନେଉଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିନାଶଲୀଳାର ଅୟମାରମ୍ଭ ହୋଇସାରିଛି । ଏହି ବିନାଶଲୀଳା ଏହାର ଆଦ୍ୟ ବିନ୍ଦୁରେ ଉପନୀତ ହୋଇଛି । ଅତଳ ସମୁଦ୍ର ଗର୍ଭରେ ବାସ କରୁଥିବା ସୂକ୍ଷ୍ମ ଜୀବଗୁଡ଼ିକର ମୃତ୍ୟୁ ହେଉଛି । କାଳକ୍ରମେ ସେଗୁଡ଼ିକ ନିଶ୍ଚିହ୍ନ ହୋଇଯିବା ଆଶଙ୍କା ଉପୁଜିଛି । ବିଶ୍ୱବ୍ୟାପୀ ୧୬୦ ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ ଏକ ଐତିହାସିକ ରିପୋର୍ଟରୁ ଏହି ଭୟାନକ ଚିତ୍ର ମିଳିଛି ।

ବାକଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ୍, ମଙ୍ଗଳାବାଗ,
କଟକ, ଦୂରଭାଷ : ୯୪୩୮୨୭୬୭୬୦

# ଜାତିବାଦର ପ୍ରଥମ ସଂକେତ - ଶମ୍ବୁକ ବଧ

### ।। ଡାକ୍ତର ଦିଲ୍ଲୀପ କୁମାର ମହାରଣା ।।

ବିଶ୍ୱାମିତ୍ର ଉପାଖ୍ୟାନରୁ ପାଠକଙ୍କ ହୃଦବୋଧ ହେବ ଯେ ଚାରିବର୍ଣ୍ଣ ପ୍ରଥା ବୈଦିକ କାଳରୁ ପ୍ରଚଳିତ ଥିଲା । କିନ୍ତୁ ତାହା ଗୁଣ ଓ କର୍ମକୁ ଆଧାର କରି ଚଳି ଆସୁଥିଲା । ଗୁଣ ଓ କର୍ମ ଅନୁସାରେ ବ୍ରାହ୍ମଣ କେତେବେଳେ ଶୂଦ୍ରରେ ପରିଣତ ହେଉଥିଲେ ତ ଆଉ କେତେବେଳେ ଶୂଦ୍ର ବ୍ରାହ୍ମଣ ପଦକୁ ଉନ୍ନୀତ ହେଉଥିଲେ । ବିଶ୍ୱାମିତ୍ର ରାଜା ଥିଲେ କ୍ଷତ୍ରିୟ । କିନ୍ତୁ ନିଷ୍ଠା ଓ ତପସ୍ୟା ବଳରେ ପାହାଚ ପରେ ପାହାଚ ଅତିକ୍ରମ କରି ଋଷି ହେବାର ଯୋଗ୍ୟତା ଅର୍ଜନ କଲେ । ରାଜା ଭାବେ କ୍ଷମତା, ସମ୍ପଦ ଓ ସମସ୍ତ ପାର୍ଥିବ ସୁଖର ଅଧିକାରୀ ହୋଇ ମଧ୍ୟ କାହିଁକି ସେ ସତ୍ୟ ଓ ଧର୍ମ ପାଳନର ପ୍ରତୀକ ଋଷି ହେବା ପାଇଁ ଇଚ୍ଛା କଲେ ? ବଶିଷ୍ଠଙ୍କ ଅତିଥି ହୋଇଥିବାବେଳେ ଦେଖିଲେ ଯେ କାମଧେନୁ ଦ୍ୱାରା ବଶିଷ୍ଠ ଯାହା ଚାହୁଁଛନ୍ତି କରିପାରୁଛନ୍ତି । କିନ୍ତୁ ସେ ରାଜା ହୋଇ ମଧ୍ୟ ଏସବୁ କ୍ଷମତାର ଅଧିକାରୀ ନୁହଁନ୍ତି । ଉଚ୍ଚାଭିଳାଷ ରଖିବା ହିଁ ସତ୍ ମଣିଷର ସ୍ୱାଭାବିକ ଗୁଣ । ଏଇ ଉଚ୍ଚାଭିଳାଷ ଥିଲା ବିଶ୍ୱାମିତ୍ରଙ୍କର । ବର୍ଣ୍ଣ ବ୍ୟବସ୍ଥା ସତ୍ତ୍ୱେ ସେ ତପସ୍ୟା ବଳରେ ରାଜାରୁ ରାଜର୍ଷି ଏବଂ ପରେ ବ୍ରହ୍ମର୍ଷି ହେଲେ । ଚାରିବର୍ଣ୍ଣ କ୍ରମଶଃ ଶହ ଶହ ଜାତିରେ ପରିଣତ ହେଲା । ତଥାପି ବିଶ୍ୱାମିତ୍ରଙ୍କ ଆଦର୍ଶ ଅନୁସରଣ କରି ଯଦି ଦକ୍ଷ ଓ ସାଧୁ ମଣିଷ ହେବା ପାଇଁ ଉଦ୍ୟମ କରାଯାଏ ତେବେ ସେ ଯେପରି ପ୍ରଥମେ ଋଷି, ତାପରେ ରାଜର୍ଷି, ତା'ପରେ ମହର୍ଷି ଏବଂ ସବାଶେଷରେ ବ୍ରହ୍ମର୍ଷିରେ ପରିଣତ ହେଲେ, ଏହା ଏବେ ବି ସମ୍ଭବ । ଜଣେ ଶୂଦ୍ର ମଧ୍ୟ ରାଷ୍ଟ୍ରପତି ହେବାରେ କୌଣସି ବାଧକ ନାହିଁ । ଏହା ଭାରତର ରାଜନୀତିକ ଇତିହାସରୁ ପ୍ରମାଣିତ ହୋଇଛି । ପାଠକମାନେ ପ୍ରଶ୍ନ କରିପାରିନ୍ତି ଯେ ରାମାୟଣ ଯୁଗରେ ମଧ୍ୟ ଜାତିପ୍ରଥା ଥିଲା । ନହେଲେ ଶୂଦ୍ର ଶମ୍ବୁକ ଉଚ୍ଚାଶା ରଖି ତପସ୍ୟା କରିବାରୁ ତାଙ୍କୁ କାହିଁକି ରାମଚନ୍ଦ୍ର ବଧ କଲେ ? ଏଇ ଉପାଖ୍ୟାନ ରାମାୟଣର ପ୍ରଥମ କାଣ୍ଡରେ ନାହିଁ । ଏହା ଉତରାକାଣ୍ଡରେ ରହିଛି । ମୂଳ ରାମାୟଣ ବାଲ୍ମିକୀ ରଚନା କରିଥିଲେ ମଧ୍ୟ ସେତେବେଳେ ମୁହଁରୁ ଶୁଣି ଶୁଣି ଅନ୍ୟମାନଙ୍କ ମାଧ୍ୟମରେ ଅର୍ଥାତ୍ ଶ୍ରୁତି ଭାବେ ଏହା ପ୍ରସାରିତ ହୋଇଥିବାରୁ ବାଲ୍ମିକୀଙ୍କ ମୂଳ ରଚନାର ଅନେକ ଋଷିଙ୍କ ରଚନା ଯେ ପ୍ରବେଶ କରିଛି ତାହା ପରବର୍ତ୍ତୀ ଗବେଷଣାରୁ ପ୍ରମାଣିତ ହୁଏ । ଶମ୍ବୁକ ଉପାଖ୍ୟାନରେ କୁହାଯାଇଛି ଯେ ରାମ ରାଜା ଥିଲାବେଳେ ଜଣେ ନୈଷ୍ଠିକ, ସତ୍ୟବାଦୀ ଓ ଧର୍ମପରାୟଣ ବ୍ରାହ୍ମଣଙ୍କ ଏକମାତ୍ର ପୁତ୍ରର ମୃତ୍ୟୁ ହେଲା । ସେ ଶୋକରେ ମନକୁ ମନ କହିଲେ - ମୁଁ କେବେ ମିଥ୍ୟା କହି ନାହିଁ, ହିଂସା କରିନାହିଁ, କୌଣସି ପାପ ମଧ୍ୟ କରିନାହିଁ । ତଥାପି କାହିଁକି ଏପରି ଦଣ୍ଡରେ ମୁଁ ପଡ଼ିଲି । ସେତେବେଳେ ଲୋକଙ୍କ ବିଶ୍ୱାସ ଥିଲା ଯେ ରାଜା ଏବଂ ଶାସକ ସତ୍ୟ ଓ ଧର୍ମପାଳନ କରୁଥିଲେ, ପ୍ରଜାମାନେ ଦୁଃଖରେ ପଡ଼ନ୍ତି ନାହିଁ । ରାମଙ୍କୁ ଦର୍ଶନ କରିବା ପାଇଁ ଆସି ବ୍ରାହ୍ମଣ କହିଲେ - ହେ ରାଜା ! ମୋତେ ଏ ଦଣ୍ଡ କାହିଁକି ମିଳିଲା ? ମୁଁ ଭାବୁଛି ଯେ ରାଜାଙ୍କ ଦୋଷରୁ ପ୍ରଜା ବିପଦଗ୍ରସ୍ତ ହୁଏ । ରାଜା ଅଧର୍ମ କଲେ ପ୍ରଜା ମରେ ବା ରାଜ୍ୟ ଶାସନ ଠିକ ଭାବେ ହେଉନଥିବାରୁ ଲୋକମାନେ ପାପ ଓ ଦୁରାଚାରରେ ଲିପ୍ତ ହୁଅନ୍ତି । ବଶିଷ୍ଠ ଓ ଅନ୍ୟମାନଙ୍କ ଅନୁରୋଧରୁ ମାର୍କଣ୍ଡେୟ, କାଶ୍ୟପ, ଗୌତମ, ନାରଦ ପ୍ରଭୃତି ଆସିଲେ । ରାମ ସେମାନଙ୍କୁ ବ୍ରାହ୍ମଣ ପୁତ୍ରର ଅକାଳ ମୃତ୍ୟୁର କାରଣ ପଚାରିବାରୁ ନାରଦ କହିଲେ - ସତ୍ୟ ଯୁଗରେ କେବଳ ବ୍ରାହ୍ମଣମାନେ ତପସ୍ୟା କରୁଥିଲେ, ତେଣୁ ସେ କାଳରେ ଅକାଳ ମୃତ୍ୟୁ ନ ଥିଲା । ତ୍ରେତା ଯୁଗରେ କ୍ଷତ୍ରିୟମାନଙ୍କ ସେବା କରିବା ପାଇଁ ଶୂଦ୍ର ମାନଙ୍କ କାର୍ଯ୍ୟ ହେଲା । ଏହାପରେ ଅଧର୍ମର ଦ୍ୱିତୀୟ ପାଦ ଆସିଲା ଦ୍ୱାପର ଯୁଗରେ । ସେତେବେଳେ ବୈଶ୍ୟମାନେ ମଧ୍ୟ ତପସ୍ୟା କରିବାକୁ ଲାଗିବେ । ତପସ୍ୟାର ଅର୍ଥ କଲାବେଳେ ବୁଝିବା ପାଇଁ ହେବ ଯେ ଉପରକୁ ଉଠିବା ପାଇଁ ଅର୍ଥାତ୍ ମାନସିକ, ଶାରୀରିକ ଓ ଆଧାତ୍ମିକ କ୍ଷେତ୍ରରେ ଅଧିପତି ହେବାପାଇଁ ଉଦ୍ୟମ ହେବାରୁ ଏଥିରୁ ବଂଚିତ ଶୂଦ୍ରମାନେ ପ୍ରାୟ ଏକ ଘାରିଆ ହୋଇଗଲେ । ହୀନବର୍ଣ୍ଣ ଶୂଦ୍ରମାନେ ତପସ୍ୟା କରି ଉଚ୍ଚକୁ ଉଠିବା ପାଇଁ ବାଟ ନଥିଲା । ଦ୍ୱାପର ଯୁଗରେ ତପସ୍ୟା କରିବା ପରମ ଅପରାଧ ଭାବେ ବିବେଚିତ ହେବ । କିନ୍ତୁ ଏହା ସତ୍ତ୍ୱେ ତ୍ରେତାରେ ଶମ୍ବୁକ ନାମକ ଶୂଦ୍ର ଉଚ୍ଚାଭିଳାଷ ରଖି ଦେବଲୋକକୁ ଯିବା ପାଇଁ ତପସ୍ୟା କଲାରୁ ଏପରି ହେଉଛି । ତାପରେ ରାମ ଶୁଣିଲେ ଯେ ରାଜ୍ୟରେ କୌଣସି ଶୂଦ୍ର ତପସ୍ୟା କରୁଥିବାରୁ ସେଇ ପାପରୁ ଏଇ ବାଳକର ମୃତ୍ୟୁ ହୋଇଛି । ଏହାପରେ ସେଇ ଶୂଦ୍ରକୁ ଅନୁସନ୍ଧାନ କରିବା ପାଇଁ ରାମ ଆଦେଶ ଦେଲେ ଏବଂ ବ୍ରାହ୍ମଣଙ୍କୁ ଆଶ୍ୱସ୍ତ କଲେ । ଏହା ସହିତ ମୃତ ବାଳକର ଶରୀର ଯେପରି ବିକୃତ ନହୁଏ ସେଥିପାଇଁ ପଦକ୍ଷେପ ନେବା ପାଇଁ ମଧ୍ୟ କହିଲେ । ଏହାପରେ, ଭରତ ପ୍ରଭୃତି ସେଇ ଶୂଦ୍ରକୁ ଖୋଜିବା ପାଇଁ ଉଦ୍ୟମ କଲେ । ଶେଷରେ ଦକ୍ଷିଣ ଦିଗରେ ସୈନ୍ୟମାନେ ପୂର୍ବତଟ ଭଉରର ଗୋଟିଏ ବଡ଼ ସରୋବର କୂଳରେ ମୁହଁ ତଳକୁ କରି ଜଣେ ତପସ୍ୱୀ କଠୋର ତପସ୍ୟା କରୁଥିବା ଦେଖିବାକୁ ପାଇଲେ । ରାମ ସେଇ ତପସ୍ୱୀକୁ ଦେଖି କହିଲେ, ତୁମେ ଧନ୍ୟ । ମୁଁ ଦଶରଥ ପୁତ୍ର ରାମ, କୌତୁହଳ ନିବାରଣ ପାଇଁ ପ୍ରଶ୍ନ କରୁଛି - ଏପରି କଠୋର ତପସ୍ୟା କାହିଁକି କରୁଛ ? ତୁମର ଅଭୀଷ୍ଟ କ'ଣ ? ପୂର୍ବ ପରି ମୁହଁ ତଳକୁ କରି ସେଇ ତପସ୍ୱୀ ଉତର ଦେଲେ, ମୁଁ ସ୍ୱଶରୀରରେ ଦେବଲୋକକୁ ଯିବା ପାଇଁ ତପସ୍ୟା କରୁଛି । ରାମ, ମୁଁ ଦେବଲୋକ ଜୟ କରିବା ପାଇଁ ଚାହେଁ । ମିଥ୍ୟା କହିବି ନାହିଁ । ଜାତିରେ ମୁଁ ଶୂଦ୍ର ନାମ ଶମ୍ବୁକ । ତାଙ୍କ ସାହାସ ଦେଖି ତତକ୍ଷଣାତ ଖଡ୍ଗ ଉତୋଳନ କରି ତପସ୍ୱୀର ଶିରଚ୍ଛେଦ କଲେ । ଆକାଶରୁ ପୁଷ୍ପ ବୃଷ୍ଟି ହେଲା - ଦେବଗଣ କହିଲେ ରାମ, ତୁମେ ଆମର ପ୍ରିୟ କାର୍ଯ୍ୟ କରିଛ । ତୁମ ପାଇଁ ଏଇ ଶୂଦ୍ର ସ୍ୱର୍ଗକୁ ଯାଇପାରିଲା ନାହିଁ । ରାମ ରାଜଧାନୀକୁ ଫେରି ଆସି ମୃତ ବାଳକକୁ ଜୀବନ୍ୟାସ ଦେଲେ ଏବଂ ବ୍ରାହ୍ମଣ ସନ୍ତୁଷ୍ଟ ହୋଇ ରାମଙ୍କୁ ଧନ୍ୟଧନ୍ୟ କହି ପ୍ରସ୍ଥାନ କଲେ ।

ଚାରିବର୍ଣ୍ଣ ସଂକେତ ବେଦରେ ମଧ୍ୟ ଅଛି । କିନ୍ତୁ ସତ୍ୟଯୁଗ ଅର୍ଥାତ୍ ବୈଦିକ କାଳରେ ଜାତି ଭେଦ ପ୍ରଥା ନଥିଲା । କାରଣ ପ୍ରଜାପତି ବ୍ରହ୍ମା କହିଛନ୍ତି ଯେ ସେ ନାଭିପଦ୍ମରୁ ସୃଷ୍ଟି ହୋଇପରେ ଦେବତାଣ ଯକ୍ଷ, କିନ୍ନର, ଅପସରା ସମସ୍ତଙ୍କୁ ସମାନ ଭାବେ ସୃଷ୍ଟି କଲେ । ସେତେବେଳେ ପାର୍ଥକ୍ୟ ନଥିଲା । କିନ୍ତୁ କାଳକ୍ରମେ ସତ୍ୟଯୁଗର ଦେବତାମାନଙ୍କ ମଧ୍ୟରେ ବି କାମନା ବାସନା ସୃଷ୍ଟି ହେଲା । ସ୍ୱର୍ଗକୁ ଆସିବା ପାଇଁ ତପସ୍ୟା କରୁଥିବା ଅସୁର ଓ ମନୁଷ୍ୟମାନଙ୍କୁ ପଥଭ୍ରଷ୍ଟ କରିବା ପାଇଁ ଦେବତାମାନେ ଅପସରା ମାନଙ୍କୁ ମର୍ତ୍ତ୍ୟକୁ ପଠାଇ ଅସୁର ମାନଙ୍କ ତପସ୍ୟା ଭାଙ୍ଗିବା କାର୍ଯ୍ୟ କରୁଥିଲେ । ଋଷିମାନଙ୍କ ତପୋଭଙ୍ଗ କରିବା ପାଇଁ ମଧ୍ୟ ଦେବଗଣ ଅପସରା ମାନଙ୍କୁ ପଠାଉଥିଲେ । କାରଣ ସେମାନଙ୍କର ଭୟ ଥିଲା ଯେ କାଳେ ତପସ୍ୟାରେ ସିଦ୍ଧ ହୋଇଗଲେ ଅସୁର ବା ମଣିଷମାନେ ଇନ୍ଦ୍ର ପଦ ବା ଅନ୍ୟ କୌଣସି ପଦ ଲାଭ କରିବା ପାଇଁ ପୁଣି ବାଟ ପାଇବେ । ଏଥିରୁ ଧାରଣା କରିବା ସହଜ ଯେ ସତ୍ୟଯୁଗରେ ମଧ୍ୟ କ୍ରମଶଃ ବାସନା କାମନା ସୃଷ୍ଟି ହେଲା ଓ ଶେଷରେ ଦେବରାଜ ଇନ୍ଦ୍ର ମଧ୍ୟ ଗୌତମ ଋଷିଙ୍କ ଅନିନ୍ଦ୍ୟ ସୁନ୍ଦରୀ ପତ୍ନୀ ଅହଲ୍ୟାଙ୍କ ପ୍ରତିଆସକ୍ତି ହେଲେ । ଦିନେ ଗୌତମ ବାହାରକୁ ଯାଇଥିଲାବେଳେ ଇନ୍ଦ୍ର ଅହଲ୍ୟାଙ୍କ ସ୍ୱାମୀଙ୍କ ବେଶ ଧରି ଆଶ୍ରମରେ ପହଂଚିଲେ ଏବଂ ସଂଗମ ପ୍ରାର୍ଥନା କଲେ । ଏ ସମ୍ପର୍କରେ ପାଠକମାନଙ୍କ ଆଗ୍ରହ ପୂର୍ଣ୍ଣ କରିବା ପାଇଁ କାହାଣୀଟି ଉଦ୍ଧାର କରାଗଲା । ରାବଣ ସ୍ୱର୍ଗ ଆକ୍ରମଣ କରି ଇନ୍ଦ୍ରଙ୍କ ବିରୋଧରେ ଯୁଦ୍ଧ କଲା । ଉଭୟ ପକ୍ଷର ଅନେକ ଦେବତା ଓ ଅସୁର ନିହିତ ହେଲେ । ରାବଣର ପୁତ୍ର ଇନ୍ଦ୍ରଜିତ ଇନ୍ଦ୍ରଙ୍କୁ ପରାସ୍ତ ଏବଂ ବନ୍ଦୀ କଲା । ବ୍ରହ୍ମା ଇନ୍ଦ୍ରଙ୍କ ମୁକ୍ତି ପାଇଁ ଅନୁରୋଧ କଲାରୁ ଇନ୍ଦ୍ରଜିତ କହିଲେ - ଯେବେ ମୁଁ ଯଥାବିଧି ପୂଜାର୍ଚ୍ଚନା କରି ସଂଗ୍ରାମକୁ ଯିବି ସେତେବେଳେ ମୋ ପାଇଁ ଅଗ୍ନିଠାରୁ ଅଶ୍ୱ ସମେତ ରଥ ଉଠିତ ହେବ ଏବଂ ସେଇ ରଥ ଉପରେ ଥିଲେ ମୁଁ ଅବଦ୍ଧ ହେବି । ଲୋକମାନେ ତପସ୍ୟା କରି ଅମରତ୍ୱ ଚାହାନ୍ତି କିନ୍ତୁ ମୁଁ ବିକ୍ରମ ଦ୍ୱାରା ତାହା ପାଇବାକୁ ଇଛା କରେ । ଏହି ବର ଦେଇ ବ୍ରହ୍ମା ପ୍ରସ୍ଥାନ କଲେ । ଦିନେ ଇନ୍ଦ୍ରକୁ ବିଷଣ୍ଣ ଓ ଚିନ୍ତାଜନକ ଅବସ୍ଥାରେ ଦେଖି ବ୍ରହ୍ମା ପଚାରିଲେ, ସତକୁହ ତୁମେ ପୂର୍ବେ କୌଣସି ଦୁଷ୍କର୍ମ କରିଥିଲ ? ମୁଁ ଯେବେ ପ୍ରଜା ସୃଷ୍ଟି କରିଥିଲି ସେତେବେଳେ ସମସ୍ତେ ବର୍ଣ୍ଣ, ବାକ୍ୟ ଓ ରୂପରେ ଏକାପରି ଥିଲେ । ହେଲେ ଏପରି ଏକ ନାରୀ ସୃଷ୍ଟି କଲି, ତା'ର ରୂପରେ କୌଣସି ଉଣା ନଥିଲା, ସେ ଥିଲା ଅପୂର୍ବା ସୁନ୍ଦରୀ । ତୁମେ ତାଙ୍କୁ ଚାହୁଁଥିଲ, କିନ୍ତୁ ମହାମୁନି ଗୌତମଙ୍କୁ ଜିତେନ୍ଦ୍ରିୟ ଓ ପ୍ରସିଦ୍ଧ ଜାଣି ମୁଁ ତାଙ୍କୁ ତାଙ୍କ ପତ୍ନୀ ରୂପେ ଦାନ କରିଥିଲେ । କିନ୍ତୁ ତାହା ଜାଣି ମଧ୍ୟ ତୁମେ ତାଙ୍କ ସହିତ ସଂଗମ କରିବାରୁ ଗୌତମ ତୁମକୁ ଶାପ ଦେଲେ ଯେ, ସେଇ ପାପରୁ ତୁମେ ଶତ୍ରୁ ହାତରେ ବନ୍ଦୀ ହେବ । ତୁମ ଦ୍ୱାରା ପ୍ରବର୍ତ୍ତିତ ଏଇ ଅବୈଧ ସମ୍ବନ୍ଧ ମନୁଷ୍ୟ ଲୋକରେ ପ୍ରଚଳିତ ହେବ । ଏଠାରେ କେହି କୁକର୍ମ କଲେ ଅର୍ଦ୍ଧ ପାପ ତା'ର ଏବଂ ଅର୍ଦ୍ଧପାପ ତୁମର । ତୁମର ଇନ୍ଦ୍ରପଦ ଚିରସ୍ଥାୟୀ ନୁହଁ । ଅନ୍ୟ କେହି ମଧ୍ୟ ଏଇ ପଦ ଲାଭ କଲେ ଚିରକାଳ ତାହା ଭୋଗ କରିବ ନାହିଁ । ସତ୍ୟ, ଧର୍ମ, ସଂଯମ ପାଳନ ନ କରି କେହି ଇନ୍ଦ୍ରପଦ ପାଇବା ପାଇଁ ଯୋଗ୍ୟ ହେବେ ନାହିଁ । ଗୌତମ ଆଶ୍ରମକୁ ଫେରିବା ପରେ ଇନ୍ଦ୍ରକୁ ଅହଲ୍ୟାଙ୍କ ସହିତ ଦେଖି କ୍ରୋଧ କଲେ ଏବଂ କହିଲେ ତୁମର ରୂପ ନଷ୍ଟ ହେଉ । ତୁମେ ରୂପଯୌବନବତୀ ହୋଇ ସତପଥରୁ ଭ୍ରଷ୍ଟ ହେଲ, ତେଣୁ ତୁମେ ଏକମାତ୍ର ରୂପବତୀ ଦେଖି ଇନ୍ଦ୍ର ବିଭ୍ରାନ୍ତ ହେଲେ । ଏହାପରେ ତୁମ ପରି ରୂପବତୀ ଅନେକ ଜନ୍ମିବେ । ଏହାଶୁଣି ଅହଲ୍ୟା ଗୌତମଙ୍କୁ କହିଲେ ଇନ୍ଦ୍ର ତୁମ ରୂପ ନେଇ ମୋତେ ଧର୍ଷଣ କରିଥିଲେ, ଏହା ମୋର ଇଛାକୃତ ପାପ ନୁହେଁ । ତୁମେ ପ୍ରସନ୍ନ ହୁଅ କ୍ଷମା କର । ଏହାପରେ ଗୌତମ କହିଲେ, ବିଷ୍ଣୁ ରାମ ଅବତାରରେ ଏଇ ବାଟରେ ଯିବାବେଳେ ଏଇ ଆଶ୍ରମକୁ ଆସିବେ ସେତେବେଳେ ତାଙ୍କୁ ଆତିଥ୍ୟ ଦେଇ ତୁମେ ଶାପମୁକ୍ତ ହେବ । ଏହାପରେ ବ୍ରହ୍ମା ଇନ୍ଦ୍ରଙ୍କୁ କହିଲେ, ଗୌତମଙ୍କ ଶାପରୁ ତୁମର ଏଇ ଦୁର୍ଦ୍ଦଶା ହେଲା । ଏହାପରେ ଏଇ ପାପର ପ୍ରାୟଶ୍ଚିତ କରିବା ପାଇଁ ତୁମେ ବୈଷ୍ଣବ ଯଜ୍ଞ କର, ତାପରେ ତୁମେ ପବିତ୍ର ହେବ ଏବଂ ଦେବଲୋକକୁ ଯାଇ ପାରିବ । ତୁମ ପୁତ୍ର ଜୀବିତ ଅଛି । ସେ ତାଙ୍କ ପାଖରେ ସମୁଦ୍ରରେ ରହିଛନ୍ତି । ବ୍ରହ୍ମାଙ୍କ କଥା ମାନି ଇନ୍ଦ୍ର ବୈଷ୍ଣବ ଯଜ୍ଞ ସମ୍ପାଦନ କରି ପୁନର୍ବାର ଦେବଲୋକର ରାଜ୍ୟ ଶାସନ କରିବାକୁ ଲାଗିଲେ । ଅହଲ୍ୟାଙ୍କୁ ଦେଖି କାମାସକ୍ତ ଇନ୍ଦ୍ର ସେ ଗୌତମଙ୍କ ସ୍ତ୍ରୀ ଜାଣି ମଧ୍ୟ ତାଙ୍କୁ ଭୋଗ କଲାରୁ ତାଙ୍କୁ ଏଇ ଦଣ୍ଡ ମିଳିଲା । ଦେବତା ହୋଇ ମଧ୍ୟ ମନୁଷ୍ୟ ଲୋକରେ କିଛି କାଳ ତାଙ୍କୁ କଟାଇବାକୁ ପଡ଼ିଲା ଏବଂ ବୈଷ୍ଣବ ଯଜ୍ଞ କରି ସେଥିରୁ ମୁକ୍ତି ପାଇଲେ । ଏହା ପୂର୍ବରୁ ସ୍ୱର୍ଗରେ କେହି ଏପରି ପାପ କରିନଥିଲେ । ତେଣୁ ଦେବତାମାନଙ୍କ ରାଜା ହେବାର ଗୌରବ ପାଇ ଇନ୍ଦ୍ର ମର୍ତ୍ତ୍ୟଲୋକରେ ଗୌତମଙ୍କ ଧର୍ମପତ୍ନୀ ଅହଲ୍ୟାଙ୍କୁ ଦୁଷ୍କର୍ମ କଲେ ବୋଲି ତାଙ୍କୁ ଦଣ୍ଡଭୋଗ କରିବାକୁ ପଡ଼ିଲା । ଏହି କୁକର୍ମ ସେ ମର୍ତ୍ତ୍ୟ ଲୋକେ କଲେ ବୋଲି ଏହା ଏକ ମନ୍ଦ ପରମ୍ପରା ପରି ରହିଗଲା ଚିରକାଳ । ଦେବଲୋକରେ ପାପ ନ ଥିଲା । ମର୍ତ୍ତ୍ୟରେ ଏହା ଆରମ୍ଭ ହେଲା ଏବଂ ସ୍ୱର୍ଗ ବି ଏଥିରୁ ବାଦ ପଡ଼ିନାହିଁ । ମୁଖ୍ୟାର୍ଥରେ ବୁଝିବାକୁ ହେବ ଯେ ଉତମ ମଣିଷମାନେ ହିଁ ଦେବତାରେ ପରିଣତ ହେଉଥିଲେ ଏବଂ ଦୋଷଗୁଣ ଥିବା ମଣିଷମାନେ ହିଁ ମର୍ତ୍ତ୍ୟର ସାଧାରଣ ଅଧିବାସୀ ବା ଅସୁର ଥିଲେ । ରାବଣ ପଣ୍ଡିତ, ବେଦଜ୍ଞ, ଅଗ୍ନିହୋତ୍ରୀ ଶିବଙ୍କ ପରମଭକ୍ତ ହୋଇ ମଧ୍ୟ ସେ ସୀତାଙ୍କୁ ଅପହରଣ କରିବାରୁ ତାଙ୍କୁ ଚରମ ଶାସ୍ତି ଭୋଗିବାକୁ ହେଲା ଏବଂ ସେ ରାମଙ୍କ ହାତରେ ହିଁ ନିହିତ ହେଲେ ।

ମର୍ତ୍ତ୍ୟଲୋକର ମଣିଷମାନେ ତପସ୍ୟା କରୁଥିଲେ ନିଜକୁ ସତ୍ୟବ୍ରତ, ନିର୍ମଳ, ନିର୍ଲୋଭ, ନିରହଂକାରୀ, ଧର୍ମନିଷ୍ଠ କରିବା ପାଇଁ । ତେଣୁ ତପସ୍ୟା ବଳରେ ପରିପୂର୍ଣ୍ଣତା ସହିତ ଦୈବୀ ଶକ୍ତିର ଅଧିକାରୀ ହେଉଥିଲେ । କାଳେ ସେମାନେ ଦେବଲୋକ ପ୍ରାପ୍ତ ହେବେ ଏବଂ ଇନ୍ଦ୍ରପଦ ଦଖଲ କରିବେ ଏଇ ଆଶଙ୍କା ନେଇ ଇନ୍ଦ୍ର ଓ ଦେବତାମାନେ ଋଷିମାନଙ୍କ ତପସ୍ୟା ଭଙ୍ଗ କରିବା ପାଇଁ ସ୍ୱର୍ଗଲୋକରୁ ରମ୍ଭା, ମେନକା, ଉର୍ବଶୀଙ୍କୁ ମର୍ତ୍ତ୍ୟଲୋକକୁ ପଠାଉଥିଲେ । ଋଷି ଓ ଅସୁର ଧର୍ମ ମାର୍ଗରୁ ବିଚ୍ୟୁତ ହେଲେ ଦଣ୍ଡ ଭୋଗୁଥିଲେ । ମର୍ତ୍ତ୍ୟଲୋକର ଅଧିବାସୀ ହୋଇ ମଧ୍ୟ ଚିନ୍ତା, ଚେତନ ଓ ଆଚରଣରେ ଦିବ୍ୟତ୍ୱର ଅଧିକାରୀ ହୋଇ ମଣିଷ, ଅସୁର ସ୍ୱର୍ଗଲୋକକୁ ଯାଉଥିଲେ । ଉଚ୍ଚ ହେବାର ଏଇ ନିରନ୍ତର ପ୍ରୟାସ ହିଁ ମଣିଷକୁ ଦିବ୍ୟତ୍ୱ ଅର୍ଜନ କରିବା ପାଇଁ ପ୍ରେରଣା ଯୋଗାଉଥିଲା । ଏହି କାରଣରୁ ଶମ୍ବୁକ ଉପାଖ୍ୟାନ ଯେ ବାଲ୍ମିକିଙ୍କ ରଚନା ନୁହଁ, ପରବର୍ତ୍ତୀ କାଳରେ କୌଣସି ଋଷି କବିଙ୍କ ରଚନା ଏହା କୁହାଯାଇପାରେ । କାରଣ ସୁଗ୍ରୀବ, ବାନର, ଭଲ୍ଲୁକ, ଜଟାୟୁ, ପଶୁପକ୍ଷୀଙ୍କୁ ଶକ୍ତିର ଅଧିକାରୀ କରି ଓ ଦିବ୍ୟଶକ୍ତି ପ୍ରଦାନ କରି ରାମ ମହାବଳବାନ ଶକ୍ତିରେ ପରିଣତ କରିଥିଲାବେଳେ ଶୂଦ୍ରବୋଲି ଶମ୍ବୁକ ସ୍ୱର୍ଗକୁ ଯିବା ପାଇଁ ତପସ୍ୟା କରୁଥିବାରୁ ତା'ର ଶିର ଛେଦ କରି ନଥାନ୍ତେ । ରାମାୟଣ ଯୁଗର ପ୍ରଭାବ କମିବା ବେଳକୁ ସମାଜରେ ନାନାପ୍ରକାର ସ୍ଖଳନ ସୃଷ୍ଟି ହେଲା । ତେଣୁ ସେତେବେଳକୁ ଗୌତମ ବୁଦ୍ଧଙ୍କ ଆବିର୍ଭାବ ହୋଇଥିଲା ।

ଶିଖରପୁର ଉପରସାହି, କଟକ, ଦୂରଭାଷ :
୮୨୮୦୯୬୩୨୮୩

